# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15 March - 2024

### News Editor : *Tapan Kumar Moharana*

**************************************

## ମୁଖ୍ୟ ସମ୍ବାଦ

- ଲୋକସଭା ସହିତ କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ତାରିଖ ଘୋଷଣା କରିବେ ଭାରତୀୟ ନିର୍ବାଚନ କମିଶନ
- ଗ୍ରାମୀଣ ଡାକସେବକମାନଙ୍କ ପାଇଁ ଆର୍ଥିକ ପଦୋନ୍ନତି ଯୋଜନାର ଶୁଭାରମ୍ଭ କଲେ କେନ୍ଦ୍ର ସରକାର
- ବନ୍ୟପ୍ରାଣୀଙ୍କ ସହ ଫଟୋ କିମ୍ବା ସେଲ୍ଫି ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

ଏବଂ

- ଖାଉଟିମାନଙ୍କର ସ୍ୱାର୍ଥ, ସମ୍ମାନ ଓ ସୁରକ୍ଷା ବାବଦରେ ସଚେତନ କରାଇବା ନେଇ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ଖାଉଟି ଦିବସ

## ନିର୍ବାଚନ ତାରିଖ ଘୋଷଣା

ଚଳିତବର୍ଷ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଆସନ୍ତାକାଲି ଅପରାହ୍ଣ ୩ଟାରେ ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିବେ। ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ ହେବ। ଏଥିରେ ଲୋକସଭା ସହିତ  କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ ବୋଲି କମିଶନଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକ୍କିମ୍‌ରେ ସାଧାରଣ ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ସମ୍ଭାବନା ଅଛି।

## ଗ୍ରାମୀଣ ଡାକସେବକ-ପଦୋନ୍ନତି ଯୋଜନା

କେନ୍ଦ୍ର ଯୋଗାଯୋଗ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଡାକ ବିଭାଗରେ କାର୍ଯ୍ୟରତ ଗ୍ରାମୀଣ ଡାକସେବକଙ୍କ ସେବା ସ୍ଥିତିରେ ଉନ୍ନତି ଆଣିବା ପାଇଁ ଆର୍ଥିକ ପଦୋନ୍ନତି ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନାର ଶୁଭାରମ୍ଭ ହେବା ଫଳରେ ଦେଶରେ କାର୍ଯ୍ୟରତ ୨ ଲକ୍ଷ ୫୬ ହଜାରରୁ ଅଧିକ ଗ୍ରାମୀଣ ଡାକସେବକ(ଜିଡିଏସ୍)ମାନେ ଉପକୃତ ହେବେ। ଏହି ପଦକ୍ଷେପ ଫଳରେ ସେମାନଙ୍କ ସେବାରେ ଥିବା ସ୍ଥାଣୁତା ଦୂର ହେବ ବୋଲି ଆଶା କରାଯାଉଛି। ଡାକସେବକମାନେ ଗ୍ରାମାଞ୍ଚଳରେ ଡାକବିଭାଗର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି ବୋଲି ଶ୍ରୀ ବୈଷ୍ଣବ

କହିଛନ୍ତି। ଆମ ଦେଶର ଦୁର୍ଗମ ଅଞ୍ଚଳକୁ ଡାକ ଏବଂ ଆର୍ଥିକ ସେବା ପହଞ୍ଚାଇବାରେ ଏହି କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ରନ୍ଧନ ଗ୍ୟାସ୍

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ରନ୍ଧନ ଗ୍ୟାସ୍ ବ୍ୟବହାର କରୁଥିବା ହିତାଧିକାରୀଙ୍କ ସଂଖ୍ୟା ୨ ଗୁଣ ବଢ଼ିଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ୨୦୧୪ ମସିହାରେ ୧୪ କୋଟି ୫୨ ଲକ୍ଷ ହିତାଧିକାରୀ ରନ୍ଧନଗ୍ୟାସ୍ ବ୍ୟବହାର କରୁଥିଲେ। ଚଳିତବର୍ଷ ଫେବୃୟାରୀ ଶେଷ ସୁଦ୍ଧା ରନ୍ଧନ ଗ୍ୟାସ୍ ବ୍ୟବହାରକାରୀଙ୍କ ସଂଖ୍ୟା ୩୨ କୋଟି ୧୭ ଲକ୍ଷ ହୋଇଥିବା ଜଣାପଡିଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ବର୍ତ୍ତମାନସୁଦ୍ଧା ଦେଶରେ ୧୦ କୋଟି ୩୧ ଲକ୍ଷରୁ ଅଧିକ ମହିଳା ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଓଡ଼ିଶାର ୫୫ଲକ୍ଷ ୪୪ ହଜାରରୁ ଅଧିକ ମହିଳା ହିତାଧିକାରୀ ରନ୍ଧନ ଗ୍ୟାସ୍ ପାଇଛନ୍ତି। ୨୦୧୬ ମସିହାରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ।

## ଶ୍ରୀମନ୍ଦିର-ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୩ ସପ୍ତାହର ମହଲତ ପ୍ରଦାନ କରିଛନ୍ତି। ୩ ସପ୍ତାହ ମଧ୍ୟରେ ଏ ନେଇ ତଦନ୍ତ କମିଶନ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା

ନେଇ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି । ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ଦାବିରେ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା ।

## ମାଟ୍ରିକ ଖାତା ଦେଖା ଆରମ୍ଭ

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହୋଇଛି । ଖାତା ଦେଖା କାର୍ଯ୍ୟରେ ୧୫ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ଖାତାଦେଖା  ପାଇଁ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି ।

ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ଏଥିସହିତ ୩ ହଜାର ୩୭ ପରୀକ୍ଷାର୍ଥୀ ମଧ୍ୟମା ଓ ୭ ହଜାର ୮୩୧ ପରୀକ୍ଷାର୍ଥୀ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଛନ୍ତି ।

## ରାଜିନାମା ସ୍ୱାକ୍ଷରିତ

ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟପଦାର୍ଥର ବିକ୍ରିବଟା ପାଇଁ ମିଲ୍ସ ମନ୍ତ୍ର ଡାଏରୀ ପ୍ରାଇଭେଟ୍ ଲିମିଟେଡ୍ ସହ ୨ଟି ସ୍ୱୟଂ ସହାୟକ ଗୋଷ୍ଠି ମଧ୍ୟରେ ଏକ ରାଜିନାମା

ସ୍ୱାକ୍ଷରିତ ହୋଇଛି। କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ରାଧାରାଣୀ ମହିଳା ଏସ୍‌ଏଚ୍‌ଜି ଏବଂ ରାଉରକେଲାର ଦିବ୍ୟଜ୍ୟୋତି ମହିଳା ଏସ୍‌ଏଚ୍‌ଜି ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି। ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ଏହି ଉଭୟ ମହିଳା ଏସ୍‌ଏଚ୍‌ଜି ମିଲେଟ୍ ଶକ୍ତି ଦ୍ରବ୍ୟ ବିପଣନ ଓ ବିକ୍ରିବଟା ପ୍ରକ୍ରିୟାକୁ ଆନୁଷ୍ଠାନିକ ଭାବେ ତ୍ୱରାନ୍ୱିତ କରିବେ।

## ବନ୍ୟପ୍ରାଣୀଙ୍କ ସହ ସେଲ୍ଫି ମନା

ସାମାଜିକ ଗଣମାଧ୍ୟମରେ ବନ୍ୟପ୍ରାଣୀଙ୍କ ସହ ଫଟୋ କିମ୍ବା ସେଲ୍ଫି ଉଠାଇ ପୋଷ୍ଟ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ସେ କହିଛନ୍ତି।

ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟର ସମସ୍ତ DFOଙ୍କ ସହ ନନ୍ଦନକାନନ ଓ ଶିମିଳିପାଳ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

## ବାଷ୍ପୀୟ ପରିଚାରକ-ତାଲିମ୍ କର୍ମଶାଳା

ଭୁବନେଶ୍ୱରରେ ଥିବା ରାଜ୍ୟ ଶ୍ରମ ସଂସ୍ଥାନରେ ଶ୍ରମ ବିଭାଗ ପକ୍ଷରୁ ଦକ୍ଷତା ସମ୍ପନ୍ନ ବାଷ୍ପୀୟ ପରିଚାରକଙ୍କ ୨ଦିନିଆ ତାଲିମ୍ କର୍ମଶାଳା

ଉଦ୍‌ଯାପିତ ହୋଇଛି। ରାଜ୍ୟରେ ଅବସ୍ଥାପିତ ବିଭିନ୍ନ ବାଷ୍ପୀୟ ପ୍ଲାଣ୍ଟଗୁଡ଼ିକର ଦୁର୍ଘଟଣାଶୂନ୍ୟ ଏବଂ ସୁରକ୍ଷିତ ପରିଚାଳନା ଦାୟିତ୍ୱରେ ଥିବା ୫୦ ଜଣ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ମାଓ ଆତ୍ମସମର୍ପଣ

ମାଲକାନଗିରି ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ଏସ୍‌ପିଙ୍କ ନିକଟରେ ଦୁଇଜଣ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ଏହି ଦୁଇ ମାଓବାଦୀ କଡତିହୁରା ଓ ଗଙ୍ଗାକାର୍ଯ୍ୟାମୀ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବାବେଳେ ଏମାନଙ୍କ ନାମରେ ୬ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା ହୋଇଥିଲା। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଚରଣସିଂ ମୀନା ସବିଶେଷ ସୂଚନା ଦେଇଛନ୍ତି।

## ସାରା ଶର୍ମା-ନିଯୁକ୍ତି

ଓଡ଼ିଶା କ୍ୟାଡର ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସାରା ଶର୍ମାଙ୍କୁ ସିବିଆଇ ଡିଆଇଜି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କ ପାଖକୁ ପତ୍ର ଆସିଛି। ଶ୍ରୀମତୀ ଶର୍ମାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହି ଦାୟିତ୍ୱରେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

## ସଡକ ଦୁର୍ଘଟଣା–ପ୍ରସନ୍ନ ଆଚାର୍ଯ୍ୟ

ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଅଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଶ୍ରୀ ଆଚାର୍ଯ୍ୟଙ୍କୁ ସମ୍ବଲପୁରରୁ ଏୟାରଲିଫ୍ଟ ମାଧ୍ୟମରେ ଭୁବନେଶ୍ୱର ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଛି ।

ସୂଚନାଯୋଗ୍ୟ, ନବୀନ ନିବାସରେ ବିଜେଡିର ଗତକାଲି ବୈଠକରେ ଯୋଗଦେଇ ଶ୍ରୀ ଆଚାର୍ଯ୍ୟ ଭୁବନେଶ୍ୱରରୁ ବରଗଡ଼ ଫେରୁଥିବା ସମୟରେ ରେଢ଼ାଖୋଲ ନିକଟ ଲୁହାପଙ୍କ ନିକଟରେ ତାଙ୍କ ଗାଡ଼ି ଏକ ଗ୍ୟାସ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା । ପ୍ରଥମେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ତାଙ୍କର ଶରୀରରେ ଅସ୍ତ୍ରୋପଚାର କରାଯାଇଛି । ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରମାନେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁର୍ଘଟଣାରେ ଆହତ ହୋଇଥିବା ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ବିଶ୍ୱ ଖାଉଟିଦିବସ

ଖାଉଟିମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇଦେବା ଓ ଖାଉଟିମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି

ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ବିଶ୍ୱ ଖାଉଟି ଦିବସ ପାଳନ କରାଯାଉଛି। ଖାଉଟିମାନଙ୍କର କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ୧୯୬୨ ମସିହା ଆଜିର ଦିନରେ ଆମେରିକାର ରାଷ୍ଟ୍ରପତି ଖାଉଟିଙ୍କର ଅଧିକାର ଓ ସୁରକ୍ଷାକୁ ନେଇ ପ୍ରଥମ ଥର ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ।

ପରବର୍ତ୍ତୀ ସମୟରେ ୧୯୮୩ ମସିହାରୁ ଆଜିର ଦିନକୁ ବିଶ୍ୱ ଖାଉଟି ଦିବସ ଭାବେ ପାଳନ କରାଯିବା ସହିତ ଏଥିସହିତ ଜଡିତ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନକାରୀମାନେ ଏହି ଅଭିଯାନକୁ ଅଧିକ ଗତିଶୀଳ ଏବଂ ଲୋକାଭିମୁଖୀ କରିପାରିଛନ୍ତି। ଉପଭୋକ୍ତା ଅଧିକାରକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ୍ - ୨୦୧୯ର ପରିବର୍ତ୍ତନ କରାଯାଇଛି।

ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ, ପ୍ରତିକାର ଆୟୋଗ ଏବଂ ରାଜ୍ୟ ସ୍ତରରେ ରାଜ୍ୟସ୍ତରୀ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇଛି।  ଆୟୋଗ ଜରିଆରେ ତ୍ୱରିତ ଏବଂ କମ୍ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ଚଳିତବର୍ଷର ବିଶ୍ୱ ଖାଉଟି ଅଧିକାର ଦିବସର ବାର୍ତ୍ତା ହେଉଛି - ଉପଭୋକ୍ତମାନଙ୍କ ପାଇଁ ସ୍ୱଚ୍ଛ ଏବଂ ଦାୟିତ୍ୱ ସମ୍ପନ୍ନ କୃତ୍ରିମ ବୃଦ୍ଧିମତାର ଉପଯୋଗ ।

ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି । ଉପଭୋକ୍ତାମାନଙ୍କର ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ଓ ପରିକଳ୍ପନା ସମ୍ବନ୍ଧରେ ଉପସ୍ଥିତ ବକ୍ତାମାନେ ଉପାଦେୟ ପରାମର୍ଶ ଦେଇଥିଲେ ।

## ଧରାପଡିଲା ଭାଲୁ

ନବରଙ୍ଗପୁର କୋଡିଙ୍ଗା ବନାଞ୍ଚଳ ଅନ୍ତର୍ଗତ ବରଗାଁରେ ଆତଙ୍କ ସୃଷ୍ଟି କରୁଥିବା ଭାଲୁକୁ ବନବିଭାଗ କାବୁ କରିଛି । ବନବିଭାଗ ଦ୍ୱାରା ବସାଯାଇଥିବା ଯନ୍ତାରେ ଭାଲୁଟି ପଡି ଯାଇଥିଲା । ଖାଦ୍ୟ ଅନ୍ୱେଷଣରେ ଭାଲୁଟି ଲୋକଙ୍କ ଘରେ ପଶି ଆତଙ୍କ ସୃଷ୍ଟି କରୁଥିଲା । ଭାଲୁର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଡିଏଫ୍ଓ କହିଛନ୍ତି ।

******************************